## ଚାଇନା ସ୍ତମ୍ଭକାରଙ୍କ ରୋଚକ ମନ୍ତବ୍ୟ

# ସୀମା ବିବାଦ ଜିନ୍‌ପିଙ୍ଗ୍‌ଙ୍କ ଭବିଷ୍ୟତ ପ୍ରତି ବିପଦ ଆଣିଛି

ନୂଆଦିଲ୍ଲୀ,୧୫।୯/ଏଜେନ୍ସି: ସୀମାକୁ ନେଇ ଭାରତ ପ୍ରତି ଚୀନ୍‌ର ଯେଉଁ ଅଭିମୁଖ୍ୟ ରହିଛି ତାହା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିଛି। ସୀମାରେ ଭାରତୀୟ ସେନା ନିକଟରେ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି(ପିଏଲଏ) ଏକ ପ୍ରକାର ଫେଲ୍ ମାରିଥିବା ବେଳେ ଯେକୌଣସି ଠାରେ ଏବଂ ଯେକୌଣସି ରାଷ୍ଟ୍ରକୁ ଭୟଭୀତ କରିବା ନେଇ ରାଷ୍ଟ୍ରପତି ଜିନ୍‌ପିଙ୍ଗ ଯେଉଁ ଅଭିମୁଖ୍ୟ ରଖିଛନ୍ତି ତାହା ମଧ୍ୟ ବିଫଳ ହୋଇଛି ବୋଲି ଚୀନ୍‌ର ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର ଗର୍ଡନ ଜି ଚାଙ୍ଗ୍ କହିଛନ୍ତି। ଆନ୍ତର୍ଜାତିକ ସମ୍ବାଦପତ୍ର ନ୍ୟୁଜ୍‌ୱିକ୍‌ରେ ପ୍ରକାଶ ପାଇଥିବା ଏବଂ ଚାଙ୍ଗ୍‌ଙ୍କ ଦ୍ୱାରା ଲିଖିତ ଏକ ଲେଖାରେ ଏହି ବିଷୟରେ ଉଲ୍ଲେଖ କରାଯାଇଛି। ଭାରତ-ଚୀନ୍ ସୀମାରେ ଏଲଏସି ନିକଟରେ ପିଏଲଏ ଦ୍ୱାରା ଅଧିକ ଅଞ୍ଚଳରେ ଦଖଲ ହାସଲ କରିବାକୁ ଯେଉଁ ଯୋଜନା କରାଯାଇଥିଲା ତାହାର ମୁଖ୍ୟ ସୂତ୍ରଧର ଥିଲେ ସି ଜିନ୍‌ପିଙ୍ଗ। ସେ କେବଳ ଚୀନ୍‌ର ରାଷ୍ଟ୍ରପତି ନୁହନ୍ତି, ବରଂ ପିଏଲ୍‌ଏ'ର ପ୍ରମୁଖ ନେତା ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ ମିଲିଟାରୀ କମିଶନର ମଧ୍ୟ ସେ ଅଧ୍ୟକ୍ଷ। କିନ୍ତୁ ସୀମାନ୍ତରେ ଲାଗି ରହିଥିବା ସ୍ଥିତିକୁ ନେଇ ଭାରତୀୟ ସେନା ନିକଟରେ ପିଏଲଏ ଯେଉଁଭଳି ଭାବେ ଅସଫଳ ହୋଇଛି ତଦ୍ୱାରା ଜିନ୍‌ପିଙ୍ଗଙ୍କୁ ଫଳାଫଳ ଭୋଗିବାକୁ ପଡ଼ିବ ଏବଂ ଏହା ତାଙ୍କ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରିବ ବୋଲି ଚାଙ୍ଗ କହିଛନ୍ତି। ଗତ ମେ' ମାସରେ ପିଏଲ୍‌ଏ ଏଲ୍‌ଏସିର ଦକ୍ଷିଣ ଭାଗରେ ଥିବା ଲଦାଖର ବିଭିନ୍ନ ଅଞ୍ଚଳକୁ ଅଗ୍ରସର ହୋଇଥିଲେ। ଭାରତ-ଚୀନ୍ ସୀମାର କୌଣସି ନିର୍ଦ୍ଦିଷ୍ଟ ମାପଦଣ୍ଡ ନଥିବାରୁ ଚୀନ୍ ସେନା ଭାରତ ଆଡ଼କୁ ଅଗ୍ରସର ହେବାରେ ଲାଗିଥିଲେ । କିନ୍ତୁ ଜୁନ୍‌ରେ ଗଲୱାନ୍ ଘାଟି ନିକଟରେ ଉଭୟ ସେନା ମୁହାଁମୁହିଁ ହୋଇଥିବା ବେଳେ ଉଭୟ ପକ୍ଷର ସେନା ମୃତାହତ ହୋଇଥିଲେ। ଯାହାକି ବିଗତ ୪୫ ବର୍ଷ ମଧ୍ୟରେ କେବେ ବି ଘଟିନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପିଏଲଏ ପକ୍ଷରୁ ଭାରତୀୟ ସେନାଙ୍କୁ ପ୍ରତିହତ କରିବାକୁ ଯେଉଁ କଦମ୍ ଉଠାଯାଇଥିଲା ତା' ନିଷ୍ଫଳ ହୋଇଛି ବୋଲି ଚାଙ୍ଗ୍ କହିଛନ୍ତି। ବର୍ତ୍ତମାନ ଲଦାଖର ତିନୋଟି ଦକ୍ଷିଣାଞ୍ଚଳ ଭାରତ ନିୟନ୍ତ୍ରଣକୁ ଚାଲିଯାଇଛି ଯାହାକି ପୂର୍ବରୁ ଚୀନ୍ କବ୍‌ଜାରେ ରହିଥିଲା। ଭାରତୀୟ ସେନା ଏହି ଅଞ୍ଚଳରେ ନିଜର ପ୍ରଭୁତ୍ୱ ଜାରି ରଖିଥିବା ବେଳେ ପ୍ରତିପକ୍ଷ ସେନାକୁ କୌଣସି ସୁଯୋଗ ଦେଉ ନାହିଁ ବୋଲି ଚାଙ୍ଗ୍ ତାଙ୍କ ସ୍ତମ୍ଭରେ ପ୍ରକାଶ କରିଛନ୍ତି।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com